ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

ODM EDUCATIONAL GROUP

**SESSION :17**

**CLASS :3**

**SUBJECT : ODIA**

**CHAPTER NUMBER: 13**

**CHAPTER NAME : ବେଙ୍ଗୁଲୀ କରୁଛି କେଁ କଟର**

**SUBTOPIC : ଅଭ୍ୟାସ- ୬ ଓ ୯**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା |





# ବେଙ୍ଗୁଲୀ କରୁଛି କେଁ କଟର








# ବେଙ୍ଗୁଲି କରୁଛି କେଁ କଟର

ODM EDUCATIONAL GROUP

ଏକ ଶୀତୁଆସକାଳ । ଚତୁର୍ଦ୍ଦିଗ କୁହୁଡ଼ି ଭର୍ତ୍ତି । ବେଙ୍ଗସର୍ଦ୍ଦାରର ସଙ୍ଗୀତ ଦଳ ଏକାଠି ହୋଇଛନ୍ତି । ସର୍ଦ୍ଦାର ଉଭାବନ କରିଥିବା ନୂଆସୁର ଅଭ୍ୟାସ ହେବ । ନିର୍ଦ୍ଦେଶ ପାଇବାମାତ୍ରେ କଇଁଛର ମର୍ଦ୍ଦଳ, ପାଣିଧଣ୍ଡର ବଂଶୀ, କଙ୍କଡ଼ାର





ହାରମୋନିୟମ୍, ମାଙ୍କଡ଼ର ଢୋଲକି, ଠେକୁଆର ଡୁବିତବଲା ଶବ୍ଦରେ ଆଖଡ଼ାଘର କମ୍ପିଉଠିବ ।

ଶୀତଯୋଗୁଁ ବେଙ୍ଗମାନଙ୍କ କଣ୍ଠରୁଦ୍ଧ ହୋଇଯାଉଥାଏ । ଗୀତ ଅଭ୍ୟାସ ହୋଇପାରିଲା ନାହିଁ । ଥଣ୍ଡାପାଗ ଯୋଗୁଁ ଏ ଦୁର୍ଦ୍ଦଶା ବୋଲି ସର୍ଦ୍ଦାର ଜାଣି ପାରିଲା । ସେ କହିଲା, "ଦେଖ ଭାଇମାନେ, ଶୀତଦିନ ପରେ ଖରାଦିନ ଆସିବ । ପାଗ ଗରମ ରହିବ । ଗୁଳୁଗୁଳି ହେବ । ଝାଳ ବୋହିବ । ସେତେବେଳେ ମଧ୍ୟ ଆମେ ଏକାଠି ହୋଇପାରିବା ନାହିଁ । ତା'ପରେ ବର୍ଷାଦିନରେ କୋହଲାପାଗ ହେବ । ଚାଲ, ଏବେ ଆମେ ନିଶ୍ଚଳ ହୋଇ ମାଟିତଳେ ଶୋଇବା । ମୁଁ ଦକ୍ଷିଣଦିଗକୁ ଯାଉଛି ଶୋଇବି ।" ଏହାପରେ



ଯେ ଯାହାର ଜାଗା ବାଛି ନିଃଶବ୍ଦରେ ଶୋଇଗଲେ । ଖରାଦିନ ଯାଇ ବର୍ଷାଦିନ ଆସିଲା । ଆକାଶରେ କଳାହାଣ୍ଡିଆ ମେଘ ଘୋଟିଥାଏ । ବିଜୁଳି ଚମକୁଥାଏ । ଏହି ସମୟରେ ଘଡ଼ଘଡ଼ି ଶବ୍ଦରେ ପୃଥିବୀ ଥରିଉଠିଲା । ବେଙ୍ଗମାନଙ୍କ ନିଦ ଭାଙ୍ଗିଲା । ସେମାନେ ସର୍ଦ୍ଦାର ପାଖକୁ ଯିବାକୁ ବାହାରିଲେ । କିନ୍ତୁ ନିର୍ଦ୍ଦିଷ୍ଟ ଦିଗ ଜାଣିପାରିଲେ ନାହିଁ । କ'ଣ କରିବେ ଭାବି ବସିଲେ । ସେମାନଙ୍କ ମଧ୍ୟରେ ଥିଲା ବୃଦ୍ଧବେଙ୍ଗଟିଏ । ସେ କହିଲା, "ମୁଁ ବହୁତ ବୁଦ୍ଧିମାନ ।" ସେ ଚାରି ଆଡ଼କୁ ଚାହିଁଲା । ଦେଖିଲା, ଗୋଟିଏ ପଟରୁ ଆକାଶ ଧୀରେଧୀରେ ଫରଚା ହେଉଛି । "ଦେଖ ଏ ପଟେ ସୂର୍ଯ୍ୟ ଉଦୟ ହେଉଛି । ଏହା ନିଶ୍ଚୟ ପୂର୍ବଦିଗ । ଏପଟକୁ ମୁହଁ କରି ଛିଡ଼ା ହେଲେ ତୁମ ପଛପଟ ହେବ ପଶ୍ଚିମଦିଗ । ତୁମର ଡାହାଣହାତ ଦକ୍ଷିଣଦିଗ ହେବ ଓ ବାମହାତ ଉତ୍ତରଦିଗ ହେବ ।" ତା'ପରେ ସେମାନେ ଡାହାଣପଟ ଦିଗକୁ ଗଲେ । ଗୀତ ଅଭ୍ୟାସ କଲେ । ଅଭ୍ୟାସ କରୁକରୁ ଆଷାଢ଼ମାସର ଚତୁର୍ଦ୍ଦଶୀ ତିଥି ପହଞ୍ଚିଗଲା । ସେଦିନ ବାଘମାମୁର ବାହାଘର ।

ସଙ୍ଗୀତଦଳ ସେଠାରେ ପହଞ୍ଚିଲେ । ଗୀତ ଗାଇଲେ । ଖାଣ୍ଟି ଗୁଆଘିଅରେ ମିଠା ଓ କ୍ଷୀରୀ ହୋଇଥିଲା । ମନଭରି ଭୋଜି ଖାଇଲେ ।

ODM EDUCATIONAL GROUP

ବେଙ୍ଗମାନଙ୍କ ପେଟରେ ଘିଅ କି ହଜମ ହୁଏ ? ପେଟ ଗୋଳମାଳ ହେଲା । ଝାଡ଼ା ହେଲା । ହନୁବଇଦ କେତେ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କଲା । ସେମାନେ ଔଷଧ ଖାଇ ଝାଡ଼ାରୁ ଉଦ୍ଧାର ପାଇଲେ ସିନା ସେମାନଙ୍କ ସ୍ୱରଯନ୍ତ୍ରଗୁଡ଼ିକ ଖରାପ ହୋଇଗଲା । ସେମାନେ ଆଉ ପୂର୍ବଭଳି ଗୀତ ଗାଇ ପାରିଲେ ନାହିଁ । ସେହିଦିନଠୁ ସେମାନେ କେଁ କଟର ଶବ୍ଦ କରିଆସୁଛନ୍ତି ।

# ଅଭ୍ୟାସ-୬ ଗପଟିକୁ ପଢି ଉତ୍ତର ଲେଖ

ODM EDUCATIONAL GROUP

କ-କଇଁଛ କଅଣ ବଜାଉଥିଲା ?

ଖ-ଶୀତଦିନେ କଅଣ ହେବାରୁ ବେଙ୍ଗମାନେ ଗୀତଗାଇ ପାରିଲେନାହିଁ ?

ଗ-ବେଙ୍ଗ ମାନେ ମାଟିତଳେ କିପରି ଶୋଇଲେ ?

ଘ-କେଉଁ ତିଥିରେ ବାଘମାମୁର ବାହାଘର ହୋଇଥିଲା ?

ଙ-ହନୁବଇଦ କେଉଁଥିରୁ ଔଷଧ ତିଆରି କରିଥିଲା ?

# ଅଭ୍ୟାସ -୬ ଗପଟିକୁ ପଢି ଉତ୍ତର ଲେଖ

ODM EDUCATIONAL GROUP

କ-କଇଁଛ କଅଣ ବଜାଉଥିଲା ?

ଉ- କଇଁଛ ମର୍ଦ୍ଦଳ ବଜାଉଥିଲା ।

ଖ-ଶୀତଦିନେ କଅଣ ହେବାରୁ ବେଙ୍ଗମାନେ ଗୀତଗାଇ ପାରିଲେନାହିଁ ?

ଉ - ଶୀତଦିନେ ଅଧିକ ଶୀତ ଓ ଥଣ୍ଡା ଯୋଗୁଁ ବେଙ୍ଗମାନଙ୍କର କଣ୍ଠରୁଦ୍ଧ ହୋଇଯିବାରୁ ସେମାନେ ଗୀତଗାଇ ପାରିଲେନାହିଁ ।

ଗ-ବେଙ୍ଗ ମାନେ ମାଟିତଳେ କିପରି ଶୋଇଲେ ?

ଉ -ବେଙ୍ଗ ମାନେ ମାଟିତଳେ ନିଃଶବ୍ଦରେ ନିଶ୍ଚଳ ହୋଇ ଶୋଇଲେ ।

# ଅଭ୍ୟାସ ୬ ଗପଟିକୁ ପଢି ଉତ୍ତର ଲେଖ

ଘ-କେଉଁ ତିଥିରେ ବାଘମାମୁର ବାହାଘର ହୋଇଥିଲା ?

ଉ – ଆଷାଢ ମାସର ଚତୁର୍ଦ୍ଦଶୀ ତିଥିରେ ବାଘମାମୁର ବାହାଘର ହୋଇଥିଲା।

ଙ-ହନୁବଇଦ କେଉଁଥିରୁ ଔଷଧ ତିଆରି କରିଥିଲା ?

ଉ - ହନୁବଇଦ ବିଭିନ୍ନ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କରିଥିଲା।

୯। ତଳେ ଦିଆଯାଇଥିବା ଦୃଶ୍ୟଗୁଡ଼ିକ ଯେଉଁ ଋତୁ ସହ ସମ୍ପର୍କିତ, ତାହା ସହିତ ଗାର ଟାଣି ଯୋଡ଼ ।

ODM EDUCATIONAL GROUP







ବର୍ଷାଋତୁ | ଗ୍ରୀଷ୍ମଋତୁ | ଶୀତଋତୁ







୯। ତଳେ ଦିଆଯାଇଥିବା ଦୃଶ୍ୟଗୁଡ଼ିକ ଯେଉଁ ଋତୁ ସହ ସମ୍ପର୍କିତ, ତାହା ସହିତ ଗାର ଟାଣି ଯୋଡ଼ ।

ODM EDUCATIONAL GROUP



ବର୍ଷାଋତୁ ଗ୍ରୀଷ୍ମଋତୁ ଶୀତଋତୁ



# ଗୃହକର୍ମ

ଶ୍ରେଣୀ ଫର୍ଦ୍ଦଟିକୁ ଅଭ୍ୟାସ  କର  |



ଏହି ସ୍ତର ଦେଇ ପିଲା ମାନଙ୍କର ପଢ଼ିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP